The Odisha Gazette

EXTRAORDINARY
PUBLISHED BY AUTHORITY

No. 115 CUTTACK, TUESDAY, JANUARY 11, 2022/ PAUSA 21, 1943

**HOUSING & URBAN DEVELOPMENT DEPARTMENT**

NOTIFICATION

The 11th January, 2022

**S.R.O. No.60**/2022– The following draft of certain rules further to amend the Odisha Municipal Corporation (Division of City into Wards, Reservation of Seats and Conduct of Election) Rules, 2003 which the State Government propose to make in exercise of the powers conferred by sub-section (1) of Section 656 of the Odisha Municipal Corporation Act, 2003 (Odisha Act 11 of 2003) is hereby published as required by the said sub-section for information of all persons likely to be affected thereby and the notice is hereby given that the said draft will be taken into consideration by the State Government on or after the expiry of a period of seven days from the date of publication of this notification in the *Odisha Gazette*;

Any objection or suggestion which may be received by the Principal Secretary to Government, Housing & Urban Development Department from any person in respect of the said draft before expiry of the period so specified will be considered by the State Government.

**Draft**

**1. Short title and Commencement.-**(1) These rules may be called the Odisha Municipal Corporation( Division of City into Wards, Reservation of Seats and Conduct of Election) Second Amendment Rules, 2022.

(2) They shall come into force on the date of their publication in the *Odisha Gazette*.

**2.** In the Odisha Municipal Corporation (Division of City into Wards, Reservation of Seats and Conduct of Election ) Rules, 2003, (hereinafter referred to as the said rules), after rule 16, the following rule shall be inserted, namely:—

"16-A. Notwithstanding anything contained in rules 5 to 16, Election Commission may prescribe different periods while drawing up detailed schedule for preparation of electoral roll for the Municipal Ward."

**3.** In the said rules, in rule 92, for the word “corporator”, the words “Mayor and Corporator” shall be substituted.

[No.799─HUD-LEGIS-POLICY-0002/2022/HUD.]

By Order of the Governor

G.MATHI VATHANAN

Principal Secretary to Government

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ଅଧିସୂଚନା

ତା 11 ଜାନୁୟାରୀ, 2022

**S.R.O. No. 60**/2022**–** ଓଡିଶା ପୌର ନିଗମ ଅଧିନିୟମ, 2003 ର ଧାରା 656 ର ଉପ-ଧାରା (1) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ଓଡିଶା ପୌର ନିଗମ ( ନଗରକୁ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ନିୟମାବଳୀ, 2003 କୁ ଅଧିକତର ସଂଶୋଧନ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତାବ କରୁଥିବା ମତେ ନିମ୍ନଲିଖିତ କେତେକ ନିୟମାବଳୀର ଚିଠା, ଉକ୍ତ ଉପ-ଧାରା ଦ୍ୱାରା ଆବଶ୍ୟକ ହେଉଥିବା ମତେ ତଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଥିବା ବ୍ୟକ୍ତିମାନଙ୍କ ଅବଗତି ନିମନ୍ତେ ଏତଦ୍ୱାରା ପ୍ରକାଶିତ କରାଯାଉଛି ଏବଂ ଏତଦ୍ୱାରା ସୂଚନା ଦିଆଯାଉଛି ଯେ, *ଓଡିଶା ଗେଜେଟ ରେ* ଏହି ଅଧିସୂଚନା ପ୍ରକାଶିତ ହେବା ତାରିଖ ଠାରୁ ଦଶ ଦିନ ଅବଧି ସମାପ୍ତ ହେବା ଦିନ ବା ତାହାପରେ ଉକ୍ତ ଚିଠା ରାଜ୍ୟ ସରକାରଙ୍କ ଦ୍ୱାରା ବିଚାରକୁ ନିଆଯିବ ;

ଉକ୍ତ ନିର୍ଦ୍ଧାରିତ ଅବଧି ସମାପ୍ତ ହେବା ପୂର୍ବରୁ ଉକ୍ତ ଚିଠା ସଂକ୍ରାନ୍ତରେ କୌଣସି ବ୍ୟକ୍ତିଙ୍କ ଠାରୁ ଯଦି କୌଣସି ଆପତ୍ତି ବା ପ୍ରସ୍ତାବ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ହସ୍ତଗତ ହୁଏ, ତେବେ ତାହା ରାଜ୍ୟ ସରକାର ବିଚାରକୁ ନେବେ ।

## ଚିଠା

**1. ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ –** (1) ଏହି ନିୟମାବଳୀ, ଓଡିଶା ପୌର ନିଗମ ( ନଗରକୁ ୱାର୍ଡରେ ବିଭାଜନ, ଆସନ ସଂରକ୍ଷଣ ଓ ନିର୍ବାଚନ ସଂଚାଳନ) ଦ୍ୱିତୀୟ ସଂଶୋଧନ ନିୟମାବଳୀ, 2022 ନାମରେ ଅଭିହିତ ହେବ ।

(2) *ଓଡିଶା ଗେଜେଟରେ* ପ୍ରକାଶିତ ହେବା ତାରିଖ ଠାରୁ ଏହା ବଳବତ୍ତର ହେବା ।

ଓଡିଶା ପୌର ନିଗମ (ନଗରକୁ ୱାର୍ଡରେ ବିଭାଜନ, ଆସନ ସଂସକ୍ଷଣ ଓ ନିର୍ବାଚନ ସଂଚାଳନ) ନିୟମାବଳୀ, 2003 ( ଏହାପରେ ଉକ୍ତ ନିୟମାବଳୀ ଭାବେ ସୂଚିତ ) ର ନିୟମ 16 ପରେ, ନିମ୍ନଲିଖିତ ନିୟମଟି ଭର୍ତ୍ତି କରାଯିବ, ଯଥା :--

"16-କ. ନିୟମାବଳୀର ନିୟମ 5 ରୁ 16 ମଧ୍ୟରେ ଯାହାକିଛି ଥିବା ସତ୍ତ୍ୱେ ନିର୍ବାଚନ ଆୟୋଗ ମ୍ୟୁନିସିପାଲ ୱାର୍ଡ ପାଇଁ ମତଦାତା ତାଲିକା ପ୍ରସ୍ତୁତି ନିମନ୍ତେ ବିସ୍ତୃତ ସମୟସାରଣୀ ତିଆରି କରିବା ସମୟରେ ଭିନ୍ନ ସମୟାବଧି ନିର୍ଦ୍ଧାରଣ କରି ପାରିବେ ।"

**3**. ଉକ୍ତ ନିୟମାବଳୀର  ନିୟମ 92 ରେ, " ନିକାୟକ" ଶବ୍ଦ ପାଇଁ, "ନଗରପାଳ ଓ ନିକାୟକ" ଶବ୍ଦସମୂହ ପ୍ରତିସ୍ଥାପିତ ହେବ ।

[No.799— ଏଚ,ୟୁ.ଡ଼ି-ଲେଜିଶ-ପଲିସି -0002/2022/ ଗୃ.ନ.ଉ.]

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଜୀ. ମାଥୀ ଭାତନାନ

ପ୍ରମୁଖ ଶାସନ ସଚିବ

---

Printed and Published by the Director, Printing, Stationery and Publication, Odisha,Cuttack-10
OGP/SBP Ex.Gaz.1729-183+10